# SRI SRI UNIVERSITY
# NEWS CLIPS
# (01.01.2021 - 31.01.2021)

ପ୍ରମେୟ
THE PRAMEYA

30 JANUARY 2021 SATURDAY

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଉତ୍ପାଦନ କର୍ମଶାଳା

# ଗୋମୂତ୍ର ଓ ଗୋବରରୁ ତିଆରି ହେବ ଔଷଧ

ବାରଙ୍ଗ,୨୯।୧(ଆପ୍ର): ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଉତ୍ପାଦନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋମୂତ୍ର ଓ ଗୋବରରୁ ଔଷଧ ଉତ୍ପାଦନ କରାଯାଇ ପାରିବ ବୋଲି ସୁନୀଲ ମାନସିଂହକା (କୋ ଅର୍ଡିନେଟର ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର ନାଗପୁର) ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ସମସ୍ତ ଗୋମାତା ଓ ତାଙ୍କର ଲାଳନ ପାଳନ କରୁଥିବା କୃଷକ ମାନେ ସଙ୍କଟ ପରିସ୍ଥିତି ଦେଇ ଗତି କରୁଛନ୍ତି। ପୁରାତନ କାଳରୁ ସମସ୍ତଙ୍କ ମନରେ ରହି ଆସିଛି ଯେ ଆମେ ଗୋମାତା ଠାରୁ କେବଳ ଦୁଗ୍ଧ ପାଉ। ଏହି ଚିନ୍ତାଧାରାକୁ ପରିବର୍ତ୍ତନ କରି କୃଷକ ଓ ଗୋମାତା ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରିବା ଆବଶ୍ୟକ। ତେଣୁ ଗୋଜାତ ସମସ୍ତ ଦ୍ରବ୍ୟ ଆମର କିପରି କାମରେ ଲାଗିପାରିବ ସେନେଇ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ଅନ୍ୟତମ ଅତିଥି ପି.କେ ଗୁପ୍ତା (ଯୁଗ୍ମ ନିର୍ଦ୍ଦେଶକ,ଏମଏସଏମଇ, ବିକାଶ ପ୍ରତିଷ୍ଠାନ କେନ୍ଦ୍ର, କଟକ) ଯୋଗଦେଇ ଭାରତ ସରକାରଙ୍କର ବିଭିନ୍ନ ଯୋଜନା ମଧ୍ୟରେ ଦୁଗ୍ଧ ସମ୍ବନ୍ଧୀୟ ସମସ୍ତ ଦ୍ରବ୍ୟ ଗୁଡିକୁ ଦେଶ ବିଦେଶରେ ରପ୍ତାନି କରାଯାଇ ପାରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ କୁମାର ସଂ କହିଥିଲେ ଭାରତ ଦୁଗ୍ଧ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଓ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। କୁଳସଚିବ ପ୍ରଫେସର ବି. ଆର.ଶର୍ମା, ଅଧ୍ୟକ୍ଷ କୁଳପତି କାର୍ଯ୍ୟାଳୟ ଡ. ରବିନାରାୟଣ ଶତପଥୀ, ଉଦ୍ଭାବନ କେନ୍ଦ୍ରର ଅଧ୍ୟକ୍ଷ ଡ. ବରଦା ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଗୋଜାତ ଦ୍ରବ୍ୟରୁ କିପରି ଔଷଧ ତିଆରି ହେବ ସେ ବିଷୟରେ କହିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

30 JANUARY 2021 SATURDAY

# ଶ୍ରୀ ଶ୍ରୀ ବଶ୍ୱବଦ୍ୟାଳୟରେ କମଶାଳା

ତ୍ରିଶୂଳିଆ, ୨୯।୧(ନି.ପ୍ର): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଦ୍ରବ୍ୟ ଉତ୍ପାଦ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସୁନୀଲ ମାନସିଂହକା(କୋ ଅର୍ଡିନେଟର ଅଫ 'ଗୋ ବିଜ୍ଞାନ' ଅନୁସନ୍ଧାନ କେନ୍ଦ୍ର, ନାଗପୁର) ଏବଂ ଶ୍ରୀଯୁକ୍ତ ପି.କେ. ଗୁପ୍ତା(ଯୁଗ୍ମ ନିର୍ଦ୍ଦେଶକ, ଏମଏସଏମଇ, ବିକାଶ ପ୍ରତିଷ୍ଠାନ କେନ୍ଦ୍ର, କଟକ) ଯୋଗ ଦେଇଥିଲେ । ଅନ୍ୟ ମଞ୍ଚସ୍ଥ ଅତିଥିମାନଙ୍କ ମଧ୍ୟରେ କୁଳପତି ପ୍ରୋଫେ. ଅଜୟ କୁମାର ସିଂ, କୁଳସଚିବ ପ୍ରୋଫେ. ବି. ଆର. ଶର୍ମା, ଅଧ୍ୟକ୍ଷ କୁଳପତି କାର୍ଯ୍ୟାଳୟ ଡ଼. ରବିନାରାୟଣ ଶତପଥି, ଉଷ୍ମାୟନ କେନ୍ଦ୍ରର ଅଧ୍ୟକ୍ଷ ଡ଼. ବରଦା ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏହି




କର୍ମଶାଳାରେ ପ୍ରଥମେ ଉଷ୍ମାୟନ କେନ୍ଦ୍ରର ଅଧ୍ୟକ୍ଷ ଡ଼. ବରଦା ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିବା ଅତିଥି ବୃନ୍ଦଙ୍କ ପରିଚୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରୋଫେ. ରବିନାରାୟଣ ଶତପଥି ସ୍ୱାଗତ ଭାଷଣ ଦେଇ ଥିଲେ। ପ୍ରଯୁକ୍ତିକରଣ ଓ ସାଧାରଣ ଉତ୍ପାଦନ ପ୍ରକ୍ରିୟାର ମିଶ୍ରଣରେ ଏକ ଉନ୍ନତମାନର ଓ ବିଶ୍ୱସ୍ତରୀୟ ଦ୍ରବ୍ୟ ଉତ୍ପାଦନ ହୋଇପାରିବ ବୋଲି ସେ କହିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କୁଳସଚିବ ପ୍ରୋଫେ. ବି. ଆର. ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

NITIDIN
ନିତିଦିନ
30 JANUARY 2021 SATURDAY

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ସମ୍ପର୍କିତ କର୍ମଶାଳା

ନରାଜ,୨୯।୧/ଏନ୍‌ଏନ୍‌ଏସ୍ : ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଦ୍ରବ୍ୟ ଉତ୍ପାଦ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କୋ-ଅର୍ଡିନେଟର ଅଫ ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର, ନାଗପୁର ଶ୍ରୀଯୁକ୍ତ ସୁନୀଲ ମାନସିଂହକା, ଏବଂ ଯୁଗ୍ମ ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ, ବିକାଶ ପ୍ରତିଷ୍ଠାନ କେନ୍ଦ୍ର, କଟକ ଶ୍ରୀଯୁକ୍ତ ପି.କେ. ଗୁପ୍ତା ଯୋଗଦେଇ ଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୁଳପତି ପ୍ରଫେସର୍ ଅଜୟ କୁମାର ସିଂ, କୁଳସଚିବ ପ୍ରଫେସର୍ ବିଆର୍ ଶର୍ମା, ଡ. ରବିନାରାୟଣ ଶତପଥି, ଡ. ବରଦା ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିବା ଅତିଥି ବୃନ୍ଦଙ୍କ ପରିଚୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହା ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁନୀଲ ମାନସିଂହକା କହିଥିଲେ ଯେ, ସମସ୍ତ ଗୋମାତା ଓ ତାଙ୍କର ଲାଳନ ପାଳନ କରୁଥିବା କୃଷକମାନଙ୍କ ଉପରେ ସଙ୍କଟ ଅତି ପୁରାତନ କାଳରୁ ରହିଆସିଛି। ଏହି ଚିନ୍ତାଧାରା ଯେ ଗୋମାତା କେବଳ ଦୁଗ୍ଧ ଉତ୍ପାଦନ ପାଇଁ ଉପଯୋଗୀ ଅଟେ ଏବଂ ପରବର୍ତ୍ତୀ ସମୟରେ ଏହାକୁ ହିଂସ୍ର ଭାବେ ହତ୍ୟା କରି ଅର୍ଥ ଉପାର୍ଜନ କରାଯାଏ ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଚିନ୍ତାଧାରାକୁ ପରିବର୍ତ୍ତନ କରି କୃଷକ ଓ ଗୋମାତା ସମ୍ବନ୍ଧକୁ ସୁଦୃଢ଼ କରିବାକୁ ସେ କହିଥିଲେ ଓ ଗୋମାତା କେବଳ ଦୁଗ୍ଧ ଉତ୍ପାଦନ ଉପଯୋଗୀ ନୁହେଁ ବରଂ ଏହାର ଗୋମୂତ୍ର, ଗୋବରରୁ ଔଷଧ ଓ ବିଭିନ୍ନ ପ୍ରକାର ଦ୍ରବ୍ୟ ଉତ୍ପାଦନ କରାଯାଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ଏହା ପରେ ଶ୍ରୀ ପି.କେ. ଗୁପ୍ତା ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଯାହାକୁ ଦୁଗ୍ଧ ସମ୍ବନ୍ଧୀୟ ଦ୍ରବ୍ୟ ଗୁଡ଼ିକୁ ଏକ ସ୍ୱତନ୍ତ୍ର ମାପଦଣ୍ଡ ଅନୁଯାୟୀ ଦେଶ ଓ ବିଦେଶରେ ଅନଲାଇନ ଦ୍ୱାରା ରପ୍ତାନୀ କରାଯାଇପାରିବ ବୋଲି ସେ କହିଥିଲେ । ଏହା ପରେ କୁଳସଚିବ ପ୍ରଫେସର୍ ବି.ଆର. ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସକାଳ
THE SAKALA
30 JANUARY 2021 SATURDAY

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ବାରଙ୍ଗ, ୨୯।୧(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଦ୍ରବ୍ୟ ଉତ୍ପାଦ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର, ନାଗପୁରର ଆବାହକ ସୁନୀଲ ମାନସିଂହକା ଏବଂ କଟକ ଏମଏସଏମଇ ବିକାଶ ପ୍ରତିଷ୍ଠାନ କେନ୍ଦ୍ର ଯୁଗ୍ମ ନିର୍ଦ୍ଦେଶକ ପି.କେ ଗୁପ୍ତା ଯୋଗଦେଇ ଥିଲେ। କୁଳପତି ପ୍ରଫେସର ଅଜୟ ସିଂ, କୁଳସଚିବ ପ୍ରଫେସର ବି.ଆର ଶର୍ମା, ଡ. ରବିନାରାୟଣ ଶତପଥି, ଡ. ବରଦା ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମାନସିଂହକା ଗୋମାତା କେବଳ ଦୁଗ୍ଧ ଉତ୍ପାଦନ ଉପଯୋଗୀ ନୁହେଁ ବରଂ ଏହାର ଗୋମୂତ୍ର, ଗୋବରରୁ ଔଷଧ ଓ ବିଭିନ୍ନ ପ୍ରକାର ଦ୍ରବ୍ୟ ଉତ୍ପାଦନ କରାଯାଇପାରିବ ବୋଲି ଉଲ୍ଲେଖ କରିଥିଲେ। କୁଳସଚିବ ପ୍ରଫେସର ଶର୍ମା ଧନ୍ୟବାଦ ଦେଇଥିଲେ।

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
31 JANUARY 2021 SUNDAY

# ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ଓରାୟନ-୨୦୨୧ ବାର୍ଷିକ ମହୋତ୍ସବ

ବାରଙ୍ଗ/ତ୍ରିଶୁଳିଆ,୩୦ା୧(ନି.ପ୍ର)- ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ଓରାୟନ-୨୦୨୧ର ସପ୍ତମ ସଂସ୍କରଣ ବାର୍ଷିକ ମହୋତ୍ସବ ଶନିବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡିଶାର ପର୍ଯ୍ୟଟନ .ଓଡିଶା ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥିଭାବରେ ଓଡିଆ ଚଳଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗ ଦେଇଥିଲେ । ବିଶ୍ୱ ବିଦ୍ୟାଳୟ ସଭାପତି ଶ୍ରୀମତୀ ରଜିତା କୁଲକର୍ଣ୍ଣୀ,କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକା ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା, କୁଳସଚିବ ପ୍ରଫେସର ବି.ଆର .ଶର୍ମା, ଛାତ୍ର ବ୍ୟାପାର କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ମଞ୍ଚାସନ ଅତିଥିଭାବେ ଯୋଗ ଦେଇଥିଲେ । ବିଶ୍ୱ ବିଦ୍ୟାଳୟର ମୂଲ୍ୟବୋଧ ନୈତିକତା ଓ ଓରୟନର ଉଦ୍ଦେଶ୍ୟ ପୂର୍ବର ସର୍ବୋତମ ଓ ପାଶ୍ଚାତ୍ୟର ସର୍ବୋତମ ଚିତ୍ରଣ କରାଯାଇଥିଲା । ଉଦଘାଟନୀ ଉତ୍ସବରେ ଶ୍ରୀ ନରେନ୍ଦ୍ର ଲମ୍ବାଙ୍କ ଦ୍ୱାରା ଗୁରୁପୂଜା ସମ୍ପାଦନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ପାରମ୍ପରିକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଚନ୍ଦ୍ରଶେଖର ପଣ୍ହା ଦର୍ଶକଙ୍କୁ ସମ୍ବୋଧିତ କରି ମହୋତ୍ସବ ବିଷୟରେ ସୂଚନା ଦେବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓରାୟନ-୨୦୨୧ର ପ୍ରମ ଘୋଷଣା କରିଥିଲେ ।

ନିତିଦିନ
NITIDIN
31 JANUARY 2021 SUNDAY

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଓରାୟନ-୨୦୨୧

**ନରାଜ,୩୦।୧/ଏନ୍ଏନ୍ଏସ୍ :** ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଓରାୟନ-୨୦୨୧ର ସପ୍ତମ ସଂସ୍କରଣ ବାର୍ଷିକ ମହୋତ୍ସବ ଶନିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପର୍ଯ୍ୟଟନ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥିଭାବରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ସଭାପତି ଶ୍ରୀମତୀ ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର ଲାମ୍ବ, କୁଳସଚିବ ପ୍ରଫେସର ବିଆର୍ ଶର୍ମା, ଛାତ୍ର ବ୍ୟାପାର କ୍ୟାପଟେନ୍ ଚନ୍ଦ୍ର ଶେଖର ପଣ୍ଡା ମଞ୍ଚାସିନ ଅତିଥିଭାବେ ଯୋଗ ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ମୂଲ୍ୟବୋଧ ନୈତିକତା ଓ ଓରାୟନର ଉଦ୍ଦେଶ୍ୟ ପୂର୍ବର ସର୍ବୋତ୍ତମ ଓ ପାଶ୍ଚାତ୍ୟର ସର୍ବୋତ୍ତମ ଚିତ୍ରଣ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ନରେନ୍ଦ୍ର ଲାମ୍ବଙ୍କ ଦ୍ୱାରା ଗୁରୁପୂଜା ସମ୍ପାଦନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଚନ୍ଦ୍ରଶେଖର ପଣ୍ଡା ଦର୍ଶକଙ୍କୁ ସମ୍ବୋଧିତ କରି ମହୋତ୍ସବ ବିଷୟରେ ସୂଚନା ଦେବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓରାୟନ-୨୦୨୧ର ପ୍ରଥମ ଘୋଷଣା କରିଥିଲେ । ତାଙ୍କ ଅଭିଭାଷଣରେ ଆଧ୍ୟାତ୍ମିକତା ଆମକୁ ଏକ ବୈଜ୍ଞାନିକ ଚିନ୍ତା ପ୍ରକ୍ରିୟା ଦେଇଥାଏ ବୋଲି ଉଲ୍ଲେଖ କରିଥିଲେ କୁଳପତି ପ୍ରଫେସର ଅଜୟ କୁମାର ସିଂହ । ମହାମାରୀ ଆମ ସମସ୍ତଙ୍କୁ କିପରି ଏକ ଅନନ୍ୟ ଚିନ୍ତା କରିବାକୁ ପ୍ରେରଣା ଯୋଗେଇଛି ବୋଲି ବିଶ୍ୱ ବିଦ୍ୟାଳୟର ସଭାପତି ଶ୍ରୀମତୀ ରଜିତା କୁଲକର୍ଣ୍ଣୀ କହିଥିଲେ । କୁଳସଚିବ ଡକ୍ଟର ବିଆର୍ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

SAMBAD

ସମ୍ବାଦ

31 JANUARY 2021 SUNDAY

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଉଦ୍‌ଘାଟିତ



ବାରଙ୍ଗ,୩୦।୧ (ଇମିସ): ବିଦ୍ୟାଧରପୁର ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସପ୍ତମ ବାର୍ଷିକ ମହୋତ୍ସବ ଓରାୟନ-୨୦୨୧ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ନରେନ୍ଦ୍ର ଲାମ୍ବାଙ୍କ ଦ୍ୱାରା ଗୁରୁ ପୂଜା ସମ୍ପାଦନା କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଉପଭାପତି ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକା ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା, କୁଳସଚିବ ପ୍ରଫେସର ବି.ଆର.ଶର୍ମା, ନିର୍ଦ୍ଦେଶକ ଛାତ୍ର ବ୍ୟାପାର କ୍ୟାପଟେନ (ଆଇଏନ୍) ଚନ୍ଦ୍ର ଶେଖର ପଣ୍ଡା ସଭାରେ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ସାଂସ୍କୃତିକ ସପ୍ତାହ ଉମଙ୍ଗ, ବ୍ୟବସାୟ ସପ୍ତାହ ତତ୍ତ୍ୱକ ୩୦ ଜାନୁଆରିରୁ ୫ ଫେବ୍ରୁଆରି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରାୟ ୨୦ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ୬ ଓ ୭ ଫେବ୍ରୁଆରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସେଲିବ୍ରିଟି ନାଇଟ ଅନୁଷ୍ଠିତ ହେବ।

ପ୍ରମେୟ
THE PRAMEYA

1 FEBRUARY 2021 MONDAY

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସପ୍ତମ ବାର୍ଷିକ ମହୋତ୍ସବ

## ଓଡିଶାର ପ୍ରଥମ ଡିଜିଟାଲ 'ଓରାୟନ-୨୦୨୧'

ବାରଙ୍ଗ,୩୧।୧(ଆପ୍ର): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସପ୍ତମ ବାର୍ଷିକ ମହୋତ୍ସବ 'ଓରାୟନ-୨୦୨୧' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଆଧ୍ୟାତ୍ମିକତା ଏକ ବୈଜ୍ଞାନିକ ଚିନ୍ତା ପ୍ରକ୍ରିୟା ହୋଇଥାଏ ବୋଲି କହିଥିଲେ। ଓଲିଉଡ ଅଭିନେତ୍ରୀ ଅନୁ ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓରାୟନ ୨୦୨୧ ଆମ ସଂସ୍କୃତି ଓ ପରମ୍ପରା ସହିତ ଜଡିତ ଥିବାରୁ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ରଜିତା କୁଲକର୍ଣ୍ଣୀ ମହାମାରୀ ଆମ ସମସ୍ତଙ୍କୁ କିପରି ଏକ ଅନନ୍ୟ ଚିନ୍ତା କରିବାକୁ ପ୍ରେରଣା ଯୋଗାଇଛି ତାହା କହିଥିଲେ। କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା, କୁଳସଚିବ ପ୍ରଫେସର ବି.ଆର.ଶର୍ମା, ନିର୍ଦ୍ଦେଶକ ଛାତ୍ର ବ୍ୟାପାର କ୍ୟାପ୍‌ଟେନ (ଆଇଏନ) ଚନ୍ଦ୍ର ଶେଖର ପଣ୍ଡା ମଞ୍ଚାସୀନ ଥିଲେ। ୨୯ ତାରିଖରେ ଉଦ୍‌ଘାଟିତ ଏହି ବାର୍ଷିକ ଉତ୍ସବରେ ୩୦ ତାରିଖଠାରୁ ଫେବ୍ରୁଆରୀ ୫ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ, ଉମଙ୍ଗ, ବ୍ୟବସାୟୀକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେଉଁଥିରେ ପ୍ରାୟ ୧୫ଟି ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ। କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ୨୦ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ବିଶ୍ୱବିଦ୍ୟାଳୟ ଆଶା ରଖିଛି। ୫ ଓ ୬ରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକ୍ରମ ଫେସବୁକ ଓ ୟୁଟ୍ୟୁବ୍‌ରେ ପ୍ରସାରିତ ହେବ।

ସକାଳ
THE SAKALA
1 FEBRUARY 2021 MONDAY

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଓରାୟନ-୨୦୨୧

**ବାରଙ୍ଗ,୩୦।୧(ସମିସ) :** ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ଓରାୟନ-୨୦୨୧ର ସପ୍ତମ ସଂସ୍କରଣ ବାର୍ଷିକ ମହୋତ୍ସବ ଶନିବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶାର ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥିଭାବରେ ଓଡ଼ିଆ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ ସିଂହ, କାର୍ମିକା ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା, ଛାତ୍ର ବ୍ୟାପାର କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ମୂଲ୍ୟବୋଧ ନୈତିକତା ଓ ଓରାୟନର ଉଦ୍ଦେଶ୍ୟ ପୂର୍ବର ସର୍ବୋତ୍ତମ ଓ ପାଶ୍ଚାତ୍ୟର ସର୍ବୋତତମ ଚିତ୍ରଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଆଧ୍ୟାତ୍ମିକତା ଆମକୁ ଏକ ବୈଜ୍ଞାନିକ ଚିନ୍ତା ପ୍ରକ୍ରିୟା ଦେଇଥାଏ ବୋଲି ଉଲ୍ଲେଖ କରିଥିଲେ। କୁଳସଚିବ ଡକ୍ଟର ବି.ଆର, ଶର୍ମା ଧନ୍ୟବାଦ ଦେଇଥିଲେ।

ପ୍ରମେୟ
THE PRAMEYA
1 FEBRUARY 2021 MONDAY

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ନରାଜ,୩୧।୧(ଆପ୍ର): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଗ୍ଧ ଓ ପଞ୍ଚଗବ୍ୟ ଦ୍ରବ୍ୟ ଉତ୍ପାଦ ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କୋର୍ଡିନେଟର ଅଫ୍ ଗୋ ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର, ନାଗପୁରର ସୁନୀଲ ମାନସିଂହକା ଏବଂ ଏମଏସଏମଇ, ବିକାଶ ପ୍ରତିଷ୍ଠାନ କେନ୍ଦ୍ର, କଟକର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା ପ୍ରମୁଖ ଯୋଗଦେଇ ଥିଲେ। କୁଳପତି ପ୍ରଫେସର୍ ଅଜୟ କୁମାର ସିଂ, କୁଳସଚିବ ପ୍ରଫେସର୍ ବି.ଆର ଶର୍ମା, ଡ. ରବିନାରାୟଣ ଶତପଥୀ, ଡ. ବରଦା ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମାନସିଂହକା କହିଥିଲେ ଯେ, ଗୋମୂତ୍ର, ଗୋବରରୁ ଔଷଧ ଓ ବିଭିନ୍ନ ପ୍ରକାର ଦ୍ରବ୍ୟ ଉତ୍ପାଦନ କରାଯାଇପାରିବ। କୁଳସଚିବ ପ୍ରଫେସର୍ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

the pioneer
2 FEBRUARY 2021 TUESDAY

# Sri Sri Varsity fest 'Orion' kick-started



**PNS** ■ ATHAGARH

The 7th edition of annual fest Orion 2021 of Sri Sri University was inaugurated on Friday. It was graced by Tourism Minister Jyoti Prakash Panigrahi as the chief guest and actress Anu Chaudhary as guest of honour.

President Sri Sri University Rajita Kulkarni, director operations Narendra Lamba, VC Dr Ajay Kumar Singh, executive registrar Dr BR Sharma and Directorate Student Affairs Captain(IN) Chandra Shekhar Panda were among others dignitaries present. The ceremony portrayed the values and ethics of Sri Sri University and the motto of Orion, "the best of East and the best of West".